# ‘ଅଚ୍ଛେ ଦିନ୍’ ବନାମ ସୁଖ ସୂଚାଙ୍କ

**ବୀରେନ୍ଦ୍ର ନାୟକ**

୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ନରେନ୍ଦ୍ର ମୋଦୀ ଭାରତୀୟ ମତଦାତାଙ୍କୁ ଏକ ଲୋଭନୀୟ ସ୍ଲୋଗାନ ଦ୍ୱାରା ପ୍ରଲୁବ୍ଧ କରିଥିଲେ – ‘ଅଚ୍ଛେଦିନ ଆନେୱାଲେ ହେଁ’। ଏହାକୁ ବିଭିନ୍ନ ନିର୍ବାଚନୀ ସଭାରେ ନିଜସ୍ୱ ଢଙ୍ଗରେ ପେଶ୍ କରୁଥିଲେ । ସେ କହୁଥିଲେ ‘ଅଚ୍ଛେ ଦିନ୍’; ଶ୍ରୋତାଙ୍କ ମୁହଁରୁ କୁହାଉଥିଲେ ‘ଆନେୱାଲେ ହେଁ’ । କାନକୁ ଭଲ ଶୁଭୁ ଥିଲା । ବଦନାମ ଉପା ସରକାର ଉପରେ ଆସ୍ଥା ହରାଉଥିବା ମତଦାତା ମନରେ ମୋଦୀଙ୍କ ସ୍ଲୋଗାନ ବେଶ୍ ଆଶା ସଂଚାର କରୁଥିଲା ଯେପରି ମୋଦୀ ଆସିଲେ, ଭଲ ଦିନ ଆସିବ, ସମସ୍ତେ ସୁଖ ଶାନ୍ତିରେ ରହିବେ । ମୋଦୀ ଆସିଲେ । ପାଂଚବର୍ଷ ଶାସନ କଲେ । ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ କିନ୍ତୁ ଆଜି ଏହି ସ୍ଲୋଗାନ ଶୁଭୁ ନାହିଁ । ତାହାହେଲେ କ’ଣ ଅଚ୍ଛେଦିନ ଆସିଯାଇଛି ଯେ ଏହି ସ୍ଲୋଗାନର ଆଉ ଆବଶ୍ୟକତା ପଡୁ ନାହିଁ? ଅବଶ୍ୟ ଯେତେବେଳେ ଏହି ସ୍ଲୋଗାନରେ ପ୍ରତିଶ୍ରୁତି ପୂରଣ ପାଇଁ ଭାରତୀୟ ଜନତା ପାର୍ଟିର ଅଧକ୍ଷ ଓ ନରେନ୍ଦ୍ର ମୋଦୀଙ୍କର ସମ୍ପ୍ରତି ନିକଟତମ ବ୍ୟକ୍ତି ଅମିତ ଶାହ ୨୫ବର୍ଷ ଲାଗିବ ବୋଲି କହିଛନ୍ତି[୧] ସେତେବେଳେ ବୋଧହୁଏ ମଝିରେ ଏହି ସ୍ଲୋଗାନ ଦେବା ପାଇଁ ମୋଦୀ-ଶାହ ଆବଶ୍ୟକ ମନେ କରିନାହାନ୍ତି । ଏଥିପାଇଁ ଆମକୁ ୨୦୩୯ ଯାଏ ଅପେକ୍ଷା କରିବା ପାଇଁ ଯେପରି ନିର୍ଦ୍ଦେଶ ଦେଇଛନ୍ତି । ଅବଶ୍ୟ ସେତେବେଳକୁ ଉଭୟ ମୋଦୀ (ଜନ୍ମ ୧୯୫୦) ଓ ଶାହା (ଜନ୍ମ ୧୯୬୪) ମାର୍ଗଦର୍ଶକ ମଣ୍ଡଳର ସଭ୍ୟ ହୋଇଯାଇଥିବେ, ଶାସନରୁ ନିହାତି ବାହାର ହୋଇଯାଇଥିବେ । ସେତେବେଳେ ଆଉ କହିବାକୁ ପଡ଼ିବ ନାହିଁ ‘ଅଚ୍ଛେଦିନ ଆନେୱାଲେ ହେଁ କ୍ୟୁଙ୍କି ମୋଦୀ-ଶାହ ଜାନେୱାଲେ ହେଁ ’।’

***<u>ମନମୋହନ ସିଂହଙ୍କ ଉକ୍ତି, ମୋଦୀଙ୍କ ସ୍ଲୋଗାନ</u>***

ବିଡ଼ମ୍ବନା ଯେ ଏହି ସ୍ଲୋଗାନ ଦେଇ ମୋଦୀ ଯେଉଁ କଂଗ୍ରେସ ସରକାରକୁ କ୍ଷମତାଚ୍ୟୁତ କଲେ, ସେହି ସ୍ଲୋଗାନର ମୂଳ ରହିଛି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଦ୍ୱାରା ଜାନୁଆରୀ ୨୦୧୪ରେ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଥିବା ଏକ ବିବୃତିରେ । ଏହା ମୋଦୀ ମଧ୍ୟ ସ୍ୱୀକାର କରିଥିଲେ ଯେତେବେଳେ ସେ କହିଥିଲେ[୨], “ମୁଁ ପ୍ରଧାନମନ୍ତ୍ରୀଙ୍କ ସହ ଏକମତ ଯେ ଭାରତ ପାଇଁ ଆଗକୁ ଭଲ ଦିନ ଅଛି ।” ଏହି ସ୍ୱୀକାରୋକ୍ତିରେ ମୋଦୀ ପ୍ରକାରାନ୍ତରେ କହୁଥିଲେ ଯେ ସେ ଆସିଲେ ହିଁ ଭଲ ଦିନ ଆସିବ । ସେତେବେଳେ ସମ୍ବାଦପତ୍ରରେ ଶିରୋନାମା ହୋଇଥିଲା ‘PM Modi’s slogan ‘Acche Din Aane Wale Hain’ was stolen from former PM Manmohan Singh’s statement’ । କିନ୍ତୁ ନିର୍ବାଚନକୁ ସାମନା କରୁଥିବା ବିଶ୍ୱର କିଛି ନେତା ଏହିପରି ସ୍ଲୋଗାନ ତାଙ୍କ ମତଦାତାଙ୍କ ସମ୍ମୁଖରେ ଦେଇଥାନ୍ତି । ଯେପରି ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଟୋନୀ ବ୍ଲେୟାର କହିଥିଲେ[୩], “Things can only get better” ବା ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ବିଲ କ୍ଲି ନ କହିଥିଲେ, “Don’t stop thinking about tommorow”। କିନ୍ତୁ ଯେଉଁ ନାଟକୀୟତା ଏହି ସ୍ଲୋଗାନକୁ ନରେନ୍ଦ୍ର ମୋଦୀ ଦେଇଛନ୍ତି ତାହା ଅଭୂତପୂର୍ବ । ନାଟକୀୟ ଢଙ୍ଗରେ ପରିବେଷିତ ଏହି ସ୍ଲୋଗାନକୁ ଯେଉଁମାନେ ବିଶ୍ୱାସ କରି ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ଗଢ଼ିବାରେ ସାହାଯ୍ୟ କଲେ ସେମାନେ ମତଦାତାଙ୍କ ସଂଖ୍ୟାର ମାତ୍ର ୩୧ ପ୍ରତିଶତ ଥିଲେ, ସେତେବେଳେ ଏହି ସ୍ଲୋଗାନରେ ବିଶ୍ୱାସ କରୁ ନଥିବା ମତଦାତାଙ୍କ ହାର ଯେ ବିଶ୍ୱାସୀଙ୍କ ହାରର ଦୁଇଗୁଣରୁ ଅଧିକ ଥିଲା ଓ ସ୍ୱାଭାବିକ ଏପରି ଭଲ ଦିନ ଯେତେବେଳେ ଏହି ପାଂଚ ବର୍ଷ ଭିତରେ ଆସିଲା ନାହିଁ, ସେତେବେଳେ ଏହି ସ୍ଲୋଗାନରୁ ନିବୃ ହେବାଛଡ଼ା ମୋଦୀଙ୍କର ଆଉ କ’ଣ ଚାରା ଥିଲା ?

**<u>ସୁଖ ସୂଚାଙ୍କ</u>**

ମୋଦୀ ବୋଧହୁଏ ସଚେତନ ମଧ୍ୟ ଥିଲେ ଯେ ତାଙ୍କର ‘ଅଚ୍ଛେ ଦିନ’ର ସ୍ଲୋଗାନ ଓ ଜାତିସଂଘର ଏକ ଅଂଗ (United Nations Sustainable Development Solutions Network) ଦ୍ୱାରା ପ୍ରକାଶିତ[୪] World Happiness Reportରେ ଦିଆଯାଉଥିବା ବାର୍ଷିକ ସୁଖ ସୂଚାଙ୍କ (Happiness Index) ମଧ୍ୟରେ ସଂଗତି ରହୁ ନାହିଁ । ‘ଅଚ୍ଛେ ଦିନ’ ଯଦି ପ୍ରକୃତରେ ଆସିଥାନ୍ତା,

ତାହାହେଲେ ସୁଖ ସୂଚାଙ୍କରେ ଭାରତ ଉପରକୁ ଉପରକୁ ଯାଇଥାନ୍ତା । କିନ୍ତୁ ଏହା ତ ତଳକୁ ତଳ ଯାଉଥିବା ହିଁ ବାସ୍ତବିକତା । ମୋଦୀ ସରକାର ୨୦୧୪ ମଧ୍ୟକାଳରୁ ଶାସନକୁ ଆସିବା ପରେ, ଏହି ସୂଚାଙ୍କରେ ଭାରତର ସ୍ଥାନ ୨୦୧୫ରେ ୧୧୭ହୋଇଥିବା ବେଳେ ୨୦୧୯ରେ ଏହା ୨୩ ପାହାଚ ଖସି ୧୪୦ରେ (୧୫୬ଟି ଦେଶ ଭିତରେ) ପହଂଚି ଯାଇଛି । ୨୦୧୬ରେ ଏହା ଥିଲା ୧୧୮, ୨୦୧୭ରେ ଥିଲା ୧୨୨, ୨୦୧୮ରେ ୧୩୨ ।[୫] ଅର୍ଥାତ୍ ମୋଦୀଙ୍କର ଅଚ୍ଛେଦିନର ନାଟକୀୟ ଆହ୍ୱାନ କାଳରେ କ୍ରମାନ୍ୱୟରେ ଖସି ଚାଲିଥିଲା ଭାରତର ସୁଖ ସୂଚାଙ୍କ । ତେଣୁ ଏହି ସୂଚନାର ପୃଷ୍ଠଭୂମିରେ ମୋଦୀ କିପରି ଏହି ଆହ୍ୱାନର ପୁନରାବୃି କରନ୍ତେ ?

***<u>ପ୍ରତିବେଶୀ ରାଷ୍ଟ୍ର ତୁଳନାରେ ନିମ୍ନରେ ଭାରତ</u>***

ପୁନଶ୍ଚ ପାକିସ୍ଥାନବିରୋଧୀ ବାତାବରଣ ସୃଷ୍ଟିରେ ନିରନ୍ତର ନିୟୋଜିତ ମୋଦୀଙ୍କ ନେତୃତ୍ୱରେ ସରକାରକୁ,ଦଳକୁ ତଥା ସେମାନଙ୍କର ସମର୍ଥକ 'ଦେଶପ୍ରେମୀ'ଙ୍କୁ ତ ଅପ୍ରତିଭ (embarass) କରିଦେବ ଏହି ସୂଚନା ଯେ ସୁଖ ସୂଚାଙ୍କରେ ଭାରତର ବହୁ ପାହାଚ ଉପରେ ପାକିସ୍ଥାନର ସ୍ଥାନ!  ୨୦୧୯ରେ ଭାରତର ସ୍ଥାନ ଯେତେବେଳେ ୧୪୦ରେ ସେତେବେଳେ ପାକିସ୍ତାନ ଏହାଠାରୁ ଯଥେଷ୍ଟ ଉପରେ, ୬୭ରେ । ପାକିସ୍ଥାନ ସବୁବେଳେ ଭାରତଠାରୁ ଉପରେ ରହି ଆସିଛି, ଅନ୍ତତଃ ଯେତେବେଳ ଠାରୁ ଆମେ ଭାରତରେ 'ଅଚ୍ଛେଦିନ'ର ଆହ୍ୱାନ ଶୁଣିବା ଆରମ୍ଭ କରିଛୁ । ଯେପରି[୬] ୨୦୧୫ରେ ପାକିସ୍ଥାନର ସ୍ଥାନ  ଥିଲା ୮୧ (ଭାରତ ୧୧୭),୨୦୧୬ରେ ଏହା ୯୨(ଭାରତ ୧୧୮), ୨୦୧୭ରେ ଏହା ୮୦(ଭାରତ ୧୨୨), ୨୦୧୮ରେ ଏହା ୭୫ (ଭାରତ ୧୩୨) । କହିବା ବାହୁଲ୍ୟ ଯେ ପାକିସ୍ଥାନ ଯାହା ସହିତ ଶକ୍ତି ପରୀକ୍ଷାର ଆହ୍ୱାନ ଆମର ରାଜନୈତିକ ନେତୃତ୍ୱ ବାରମ୍ବାର ଦେଉଛି, ସେଠାରେ ସେ ସୁଖ ସୂଚାଙ୍କରେ ଭାରତଠାରୁ ଊର୍ଦ୍ଧ୍ୱରେ ଓ ଯେତେବେଳେ ଭାରତରେ ଏହାର କ୍ରମାଗତ ଭାବରେ ଅବନତି ହୋଇ ଚାଲିଛି ସେତେବେଳେ ପାକିସ୍ଥାନରେ ଏହି ସୂଚାଙ୍କରେ ପ୍ରାୟ (୨୦୧୬କୁ ଛାଡ଼ି) ଉନ୍ନତି ହୋଇ ଚାଲିଛି ଅର୍ଥାତ୍ ପାକିସ୍ଥାନରେ ତାଙ୍କ ଦେଶର ନାଗରିକ ଆମ ଦେଶର ନାଗରିକଙ୍କଠାରୁ ଅଧିକରୁ ଅଧିକ ସୁଖୀ! କେବଳ ପାକିସ୍ଥାନ ନୁହେଁ ଆମର ସମସ୍ତ ପ୍ରତିବେଶୀ ରାଷ୍ଟ୍ର (ବଙ୍ଗଳାଦେଶ, ଶ୍ରୀଲଙ୍କା, ଭୁଟାନ, ନେପାଳ, ମ୍ୟାନ୍ମାର) ସୁଖ ସୂଚାଙ୍କରେ ଭାରତଠାରୁ ଉପରେ ଅଛନ୍ତି । ଯେପରି ୨୦୧୯ରେ ବଙ୍ଗଳାଦେଶର ସ୍ଥାନ ୧୨୫ ହୋଇଥିବାବେଳେ[୭], ଶ୍ରୀଲଙ୍କାର ସ୍ଥାନ[୮] ୧୩୦, ଭୁଟାନର[୯] ସ୍ଥାନ ୯୫,  ନେପାଳର[୧୦] ସ୍ଥାନ ୧୦୦ ଓ ବର୍ମା-ମ୍ୟାନମାର[୧୧] ସ୍ଥାନ ୧୩୧ ।  ସବୁଠାରୁ ଉଲ୍ଲେଖନୀୟ ହେଉଛି ଯେ ଏହି ପ୍ରତିବେଶୀ ରାଜ୍ୟଗୁଡ଼ିକର ସୁଖ ସୂଚାଙ୍କରେ ସମୟ ସମୟରେ ପୂର୍ବାପେକ୍ଷା ଉନ୍ନତି ଦେଖାଯାଉଥିବା ବେଳେ, ଭାରତରେ ଏହାର କେବଳ କ୍ରମାନ୍ୱୟ ଅବନତି ହିଁ ଦେଖାଦେଇଛି । ଭାରତର ସମସ୍ତ ଦେଶପ୍ରେମୀଙ୍କୁ ଏହା ବ୍ୟଥାଦେବା ନିଶ୍ଚିତ ଯେ ଆମେ ଉପମହାଦେଶର ସବୁଠାରୁ ବଡ଼ ଦେଶ ହୋଇ, ବିଶ୍ୱର ଷଷ୍ଠ ଶକ୍ତିଶାଳୀ ଅର୍ଥନୀତି ବୋଲି ପରିଚିତି ପାଇ[୧୨] ମଧ୍ୟ ଆମେ ଆମ ଚାରିପଟ ରାଷ୍ଟ୍ରଗୁଡ଼ିକର ନାଗରିକମାନଙ୍କ ତୁଳନାରେ ସବୁଠାରୁ କମ୍ ସୁଖୀ ।

**<u>ସୁଖ ସୂଚାଙ୍କ ମୂଳରେ ଛଅଟି ପ୍ରସଙ୍ଗ</u>**

ଉଲ୍ଲେଖଯୋଗ୍ୟ ଯେ ସୁଖ ସୂଚାଙ୍କର ଅବଧାରଣା ଯେତେବେଳେ ପରିଭାଷିତ କରାଗଲା ସେତେବେଳେ ସ୍ୱଷ୍ଟ କୁହାଗଲା ଯେ କୌଣସି ରାଷ୍ଟ୍ରର ମୋଟ ଦେଶୀ ଉତ୍ପାଦ (Gross Domestic Product (GDP))ରେ ଅଭିବୃଦ୍ଧିର ହାର ସୁଖର ଏକମାତ୍ର କାରଣ ବୋଲି ଗ୍ରହଣ କରାଯାଇ ନପାରେ, ଏହା ନିଶ୍ଚିତ ଭାବରେ ଏକ ମୂଲ୍ୟବାନ କାରଣ, କିନ୍ତୁ ଏହାର ବୃଦ୍ଧି ହାସଲ ପାଇଁ ଏପରି ସ୍ତର ଯାଏ ଯିବା ଉଚିତ ନୁହେଁ ଯାହା ଦ୍ୱାରା ଅର୍ଥନୈତିକ ସ୍ଥିରତା ବିପନ୍ନ ହେବ, ସାମ୍ପ୍ରଦାୟିକ ସମ୍ପ୍ରୀତି ନଷ୍ଟ ହେବ, ଦୁର୍ବଳ ସେମାନଙ୍କର ମର୍ଯ୍ୟାଦା ହରାଉଥିବେ ବା ଅର୍ଥନୀତିରେ ସେମାନଙ୍କର ସ୍ଥାନ ହରାଉଥିବେ, ନୀତି ନୈତିକତା ବଳି ପଡୁଥିବ, ବା ପରିବେଶ ଯାହା ଭିତରେ ରହିଛି ଜଳବାୟୁ ତାହା ପ୍ରତି ବିପି ସୃଷ୍ଟି ହେଉଥିବ[୧୩] । ତେଣୁ ରାଷ୍ଟ୍ରର ମୁଣ୍ଡ ପିଛା ଜିଡିପିକୁ ଅନ୍ତର୍ଭୁକ୍ତ କରି ସୁଖ ସୂଚାଙ୍କର ନିର୍ଦ୍ଧାରଣ ପାଇଁ ଛଅଟି ମୁଖ୍ୟ ପ୍ରସଙ୍ଗଙ୍କୁ ଚିହ୍ନଟ କରାଗଲା । ସେଗୁଡିକ ହେଲା- ୧) ମୁଣ୍ଡପିଛା ଜିଡିପି, ୨) ସାମାଜିକ ସମର୍ଥନ ବା ସହେ଼ଯାଗର ସ୍ତର (Social Support), ୩) ସୁସ୍ଥଜୀବନ ସମ୍ଭାବନା (Healthy life expectancy), ୪) ଜୀବନ ନିର୍ବାହରେ ନିଜ ପସନ୍ଦର ସ୍ୱାଧୀନତା (Freedom to make life choices. ୫)ବଦାନ୍ୟତା (Generosity) ଓ ୬) ଦୁର୍ନୀତିରୁ ମୁକ୍ତି (Freedom from corruption) । ଅର୍ଥାତ୍ ରାଷ୍ଟ୍ର କେତେ ପରିମାଣରେ ସୁଖୀ ତାହା ପାଇଁ ନାଗରିକର ଅର୍ଥନୈତିକ ସ୍ଥିତି ଯଥେଷ୍ଟ ନୁହେଁ, ବିପଦରେ ପଡ଼ିଲେ ସମ୍ପର୍କୀୟ ବା ବନ୍ଧୁମାନଙ୍କଠାରୁ କିପରି ସାହାଯ୍ୟ ପାଉଛି (ସାମାଜିକ ସମର୍ଥନ), ଜୀବନଚର୍ଯ୍ୟା ନିଜ ପସନ୍ଦରେ କେତେ ଦୂର କରି ପାରୁଛି (ଜୀବନ ନିର୍ବାହରେ ପସନ୍ଦର ସ୍ୱାଧୀନତା ), କୌଣସି ଲୋକହିତ କାର୍ଯ୍ୟରେ ଦାନ କରିଛି କି (ବଦାନ୍ୟତା), ସରକାରରେ ବା ବ୍ୟବସାୟରେ ଦୁର୍ନୀତି

କେଉଁ ପରିମାଣରେ ଅନୁଭୂତ ହେଉଛି (ଦୁର୍ନୀତିରୁ ମୁକ୍ତି ) ଓ ସୁସ୍ଥ ଜୀବନ ଯାପନାର ସମ୍ଭାବନା କିପରି ସେ ଦେଖୁଛି, ଏହାର ମିଳିତ ଆକଳନ ହିଁ ନିର୍ଦ୍ଧାରିତ କରିବ ରାଷ୍ଟ୍ର କେତେ ସୁଖୀ[୧୩] ।

**ଛଅଟି ପ୍ରସଙ୍ଗରେ ତୁଳନାତ୍ମକ ସୂଚାଙ୍କ**

ଏହି ୬ଟି ପ୍ରସଙ୍ଗର ପ୍ରତ୍ୟେକଟିରେ ଭାରତର ସ୍ଥାନ ୨୦୧୯ରେ କେଉଁଠି ? ୧୫୬ଟି ରାଷ୍ଟ୍ର ମଧ୍ୟରେ, ଏହାର ସ୍ଥାନ[୧୪] ସାମାଜିକ ସମର୍ଥନରେ ୧୪୨(ପାକିସ୍ଥାନର ସ୍ଥାନ ୧୩୦), ନିଜ ପସନ୍ଦ ଅନୁସାରେ ଜୀବନ ନିର୍ବାହ କରିବାର ସ୍ୱାଧୀନତାରେ ୪୧ (ପାକିସ୍ଥାନର ସ୍ଥାନ ୧୧୪), ଦୁର୍ନୀତି ଅନୁଭବରେ ୭୩(ପାକିସ୍ଥାନର ସ୍ଥାନ ୫୫), ବଦାନ୍ୟତାରେ ୬୫(ପାକିସ୍ଥାନର ସ୍ଥାନ ୫୮), ମୁଣ୍ଡପିଛା ଜିଡିପିରେ ସ୍ଥାନ ୧୦୩(ପାକିସ୍ଥାନର ସ୍ଥାନ ୧୧୦), ସୁସ୍ଥ ଜୀବନ ସମ୍ଭାବନାରେ ସ୍ଥାନ ୧୦୫ (ପାକିସ୍ଥାନର ସ୍ଥାନ ୧୧୪) ଅର୍ଥାତ୍ ବିପଦରେ ପଡିଥିବା ପାକିସ୍ଥାନୀ ତାର ସମ୍ପର୍କୀୟ ଓ ବନ୍ଧୁଙ୍କ ଠାରୁ ସାହାଯ୍ୟ ପାଇବାର ସମ୍ଭାବନା ସମଦଶାରେ ପଡିଥିବା ଭାରତୀୟ ଠାରୁ ଅଧିକ ଯଦିଓ ମୁଣ୍ଡପିଛା ଜିଡିପିରେ ଭାରତ ସ୍ଥାନ ପାକିସ୍ଥାନ ଉପରେ । ବଦାନ୍ୟତାରେ ପାକିସ୍ଥାନର ସ୍ଥାନ ଭାରତ ଉପରେ ରହିବା ଦର୍ଶାଉଛି ଯେ ଲୋକହିତକର କାର୍ଯ୍ୟରେ ଦାନ କରିବାର ମାନସିକତା ପାକିସ୍ଥାନୀଙ୍କ ମଧ୍ୟରେ ଭାରତୀୟଙ୍କ ଠାରୁ ଅଧିକ । ଦୁର୍ନୀତି ଅନୁଭବ ସୂଚାଙ୍କରେ ପାକିସ୍ଥାନର ସ୍ଥାନ ଭାରତ ଉପରେ ରହିବାର ଏକ ବଡ଼ କାରଣ ହୋଇପାରେ ଯେ ସେ ରାଷ୍ଟ୍ରରେ ପ୍ରଧାନମନ୍ତ୍ରୀ (ନୱାଜ ଶରିଫ) ଦୁର୍ନୀତି ଅଭିଯୋଗରେ (ପାନାମା ପେପରସ୍ ରୁ ଜଣାପଡିଥିବା) ଅଦାଲତ ଦ୍ୱାରା ଦଣ୍ଡିତ ହୋଇପାରେ[୧୫] ଓ ପ୍ରଧାନମନ୍ତ୍ରୀ ପଦ ହରାଇପାରେ ଅଥଚ ସେହି ପନାମା ପେପରସ୍‌ରେ ଉଲ୍ଲେଖ କରାଯାଇଥିବା ବହୁ ପ୍ରତିଷ୍ଠିତ ଭାରତୀୟଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନର ଶିଥିଳତା ବାରି ହୋଇଯାଏ[୧୬]; ଜୁଲାଇ ୬,୨୦୧୮ରେ ପାକିସ୍ଥାନ ପ୍ରଧାନମନ୍ତ୍ରୀଙ୍କୁ ଦଣ୍ଡାଦେଶର ସମ୍ବାଦ ପ୍ରକାଶ ପାଉଥିବାବେଳେ, ନଭେମ୍ବର ୨୦୧୮ରେ ଖବର ପ୍ରକାଶ ପାଏ ଯେ ୪୦୦ ଭାରତୀୟଙ୍କୁ କଳାଧନ ଆଇନରେ ନୋଟିସ ପଠାଯାଇଛି ।

ଭାରତର ପ୍ରତିବେଶୀ ରାଷ୍ଟ୍ର ଗୁଡିକ (ପାକିସ୍ଥାନ, ଭୁଟାନ, ନେପାଳ, ବଙ୍ଗଳାଦେଶ, ଶ୍ରୀଲଙ୍କା, ମ୍ୟାନମାର (ବର୍ମା)) ମଧ୍ଯରେ ନିଜ ପସନ୍ଦାନୁସାରେ ଜୀବନ ନିର୍ବାହର ସ୍ୱାଧୀନତା ସବୁଠାରୁ ଅଧିକ ବଙ୍ଗଳାଦେଶରେ (ଏହାର ସ୍ଥାନ ୧୫୬ ରାଷ୍ଟ୍ର ମଧ୍ଯରେ ୨୭), ବଦାନ୍ୟତାରେ ସବୁଠାରୁ ଉଚ୍ଚରେ ବର୍ମା (ଏହାର ସ୍ଥାନ ୧), ଦୁର୍ନୀତି ସବୁଠାରୁ କମ ବର୍ମାରେ (ଏହାର ସ୍ଥାନ ୨୪), ସାମାଜିକ ସମର୍ଥନା/ସହାୟତାରେ ସବୁଠାରୁ ଉଚ୍ଚରେ ଭୁଟାନ(ଏହାର ସ୍ଥାନ ୬୮), ମୁଣ୍ଡପିଛା ଜିଡିପିରେ ଓ ସୁସ୍ଥ ଜୀବନ ସମ୍ଭାବନାରେ ସବୁଠାରୁ ଉଚ୍ଚରେ ଶ୍ରୀଲଙ୍କା (ଏହାର ସ୍ଥାନ ଯଥାକ୍ରମେ ୭୯ ଓ ୫୪)[୧୪] ।

***ସୁଖ ସୂଚାଙ୍କରେ ଭାରତର କାହିଁକି ଏପରି ଦୟନୀୟ ସ୍ଥିତି ?***

କାହିଁକି ସୁଖ ସୂଚାଙ୍କରେ ଭାରତ ଏତେ ତଳେ, ଓ କ୍ରମାଗତ ଭାବେ ଏହାର ସ୍ଥାନ ତଳକୁ ତଳ ଖସି ଚାଲିଛି ? ଏହା ବେଶ୍ ଆଲୋଚନାର ବିଷୟ ହୋଇଛି । ୨୦୧୭ ମସିହାରେ ସୁଖ ସୂଚାଙ୍କରେ ଭାରତର ସ୍ଥାନ ଥିଲା ୧୨୨। ସେତେବେଳେ ଭାରତର ଏହି ନିମ୍ନ ସ୍ଥାନପାଇଁ କାରଣ ଗୁଡିକର ଯେଉଁ ଅବତାରଣା କରାଯାଇଥିଲା, ତାହାର ପୁନରାବୃ ି କରାଯାଇପାରେ । କୁହାଯାଇଥିଲା[୧୭], "World Happiness Report 2017ରେ ଭାରତର ସ୍ଥାନ ଦର୍ଶାଏ ଯେ ଉଚ୍ଚ ଅଭିବୃଦ୍ଧି ହାର ସୁଖ ନିର୍ଦ୍ଧାରଣ କରେ ନାହିଁ । ସୁଖ ସୂଚାଙ୍କ ନିର୍ଦ୍ଧାରଣ ପାଇଁ ପ୍ରତିଟି ପ୍ରସଙ୍ଗର ଆକଳନରେ ଭାରତ କମ ଅଙ୍କ (low scores) ପାଇବା ଦର୍ଶାଏ ଯେ ଭାରତର ନାଗରିକଙ୍କ ମଧ୍ୟରେ ସାମାଜିକ ଏକଜୁଟତାର (cohesion) ଅଭାବ ରହିଛି । ସୁସ୍ଥ ଜୀବନ ସମ୍ଭାବନା ପ୍ରସଙ୍ଗରେ କମ ଅଙ୍କ ପାଇବା ଦର୍ଶାଏ ଯେ ଭାରତରେ ସବୁ ନାଗରିକଙ୍କୁ ସମାନ ସ୍ୱାସ୍ଥ୍ୟ ସେବା ଦିଆଯାଇ ପାରି ନାହିଁ । ପ୍ରକୃତ କଥା ହେଉଛି, ଭାରତର ଅଧିକାଂଶ ଗ୍ରାମାଂଚଳରେ ନା ଭଲ ଡାକ୍ତରଖାନା ଅଛି ନା ସେଠାରେ ତାଲିମପ୍ରାପ୍ତ ଡାକ୍ତର ଅଛନ୍ତି । ମାନସିକ ସ୍ୱାସ୍ଥ୍ୟାବସ୍ଥାର ଉଚ୍ଚ ହାର ଦର୍ଶାଏ ଯେ ଅଧିକାଂଶ ବ୍ୟକ୍ତି ଏପରି ଅଛନ୍ତି ଯେଉଁମାନଙ୍କର କେହି ନାହିଁ ଯେଉଁମାନଙ୍କ ଉପରେ ସଙ୍କଟ ସମୟରେ ସେମାନେ ନିର୍ଭର କରିପାରିବେ । ନିଜ ପସନ୍ଦାନୁସାରେ ଜୀବନ ନିର୍ବାହର ସ୍ୱାଧୀନତା ପ୍ରସଙ୍ଗରେ ଭାରତର ପ୍ରଦର୍ଶନ ଯଥେଷ୍ଟ ନୁହେଁ । ରୋଜଗାର ସୁଯୋଗର ଅଭାବ ଫଳରେ, ଯାହା ଉପଲବ୍ଧ ହେଉଛି ସେହି ରୋଜଗାରକୁ ଗ୍ରହଣ କରିବା ପାଇଁ ଜଣେ ବାଧ୍ୟ ହେଉଛି । ବିଶେଷତଃ ଗ୍ରାମାଂଚଳରେ, କିଛି ରୋଜଗାର କରି ଘର ଚଳାଇବା ପାଇଁ ପିଲାମାନେ ଅଧିକାଂଶ ସମୟରେ ପାଠ ପଢ଼ା ଛାଡି ଦେଉଛନ୍ତି । ଏହା ଛଡ଼ା ଭାରତୀୟ ସମାଜରେ ଏବେ ମଧ୍ୟ ଜାତି ଓ ଧର୍ମ ବାହାରେ ବିବାହ ଉପରେ ଏକ ପ୍ରକାର ପ୍ରତିବନ୍ଧ ରହିଛି । ତେଣୁ ଭାରତୀୟ ସମାଜରେ ଜୀବନ ନିର୍ବାହ ପ୍ରସଙ୍ଗରେ ବଡ଼ ବଡ଼ ନିଷ୍ପ ି ନେବା ଉପରେ କଟକଣା ରହିଛି । ବଦାନ୍ୟତାରେ କମ୍ ଅଙ୍କ ଦର୍ଶାଏ ଭାରତୀୟ ସମାଜରେ ବୈଷମ୍ୟ ଓ ସମ୍ପ ି ବିତରଣରେ ଅସାମନତା । ଏହା

ମଧ୍ୟ ଦର୍ଶାଏ ଯେ ଧନୀକ ବର୍ଗ ସେମାନଙ୍କର ସ୍ୱାର୍ଥ ଗରିବଙ୍କ ପାଇଁ ତ୍ୟାଗ କରୁ ନାହାନ୍ତି । ଏହିପରି ସବୁ ପ୍ରସଙ୍ଗରେ ଦୁର୍ବଳ ପ୍ରଦର୍ଶନ ଦର୍ଶାଉଛି ଯେ ଭାରତ ସରକାର ଜନଗଣଙ୍କର କୁଶଳ ମଂଗଳ ପାଇଁ ପରିବେଶ ସୃଷ୍ଟିରେ ବିଫଳ ହୋଇଛନ୍ତି । ସେଇଥି ପାଇଁ ଭାରତର ନାଗରିକଙ୍କର ଦେଶର ରାଜନୈତିକ ବ୍ୟବସ୍ଥା ଉପରେ ବିଶ୍ୱାସର ସ୍ତର ଏତେ କମ । ଅଭିବୃଦ୍ଧି ହାରରେ ସଫଳତା ଯଥେଷ୍ଟ ନୁହେଁ ଯଦି ବୈଷମ୍ୟ ଓ ବେରୋଜଗାର ଭଳି ସମସ୍ୟା ଗୁଡିକର ସମାଧାନ ନ ହୋଇଛି । ଭାରତ ସରକାର ବୁଝିବା ଉଚିତ ଯେ ଧନୀ ଓ ଗରିବ ଭିତରେ ଏକ ବିରାଟ ପାର୍ଥକ୍ୟ (gap) ହିଁ ଦେଶର ସମସ୍ତ ଦୁର୍ଦ୍ଦଶା ପାଇଁ ଦାୟୀ । ପରବର୍ତ୍ତୀ World Happiness Report ରେ ଭାରତ ଏକ ଭଲ ସ୍ଥାନ ପାଇବାକୁ ହେଲେ ଭାରତ ସରକାର ଏପରି ନୀତି ପ୍ରଣୟନ କରିବା ଉଚିତ ଯାହା ଦ୍ୱାରା ବୈଷମ୍ୟ ହ୍ରାସ ପାଇବ, ମହିଳାଙ୍କୁ ସମାନ ଅଧିକାର ଉପଲବ୍ଧ ହେବ ଏବଂ ମାନସିକ ସ୍ୱାସ୍ଥ୍ୟସେବାକୁ ଉନ୍ନତ କରିବ । ପରିଶେଷରେ, ବେରୋଜଗାରୀ ଯେଉଁ ହାରରେ ବୃଦ୍ଧି ପାଉଛି ତାହାକୁ ଦେଖି ଭାରତ ସରକାର ଭାରତୀୟ ଯୁବସମ୍ପ୍ରଦାୟ ପାଇଁ ଅଧିକ ଚାକିରି  ସୃଷ୍ଟି କରିବା ଉଚିତ ଯାହା ସନ୍ତୋଷର ସ୍ତର (satisfaction levels)ରେ ବୃଦ୍ଧି ଆଣିବ । ”

*ସୁଖ ସୂଚାଙ୍କରେ ଆହୁରି ଅବନତିର ଆଶଙ୍କା*

ଏହା ଲକ୍ଷ୍ୟ କରିବାର କଥା ଯେ ୨୦୧୭ ସୁଖ ସୂଚାଙ୍କରେ  ଭାରତର ସ୍ଥାନକୁ ନେଇ ଉପରୋକ୍ତ ମନ୍ତବ୍ୟରେ ପରାମର୍ଶ ଦିଆଯାଇଥିଲା ଯେ ଯଦି ଆଗାମୀ ବର୍ଷମାନଙ୍କରେ ଭାରତର ସ୍ଥାନରେ ଉନ୍ନତି ଦେଖିବାକୁ ଆଶା ତାହାହେଲେ ଭାରତ ସରକାର ଅର୍ଥନୈତିକ ବୈଷମ୍ୟ, ବେରୋଜଗାରୀ ହ୍ରାସ କରିବା ଦିଗରେ ଉଦ୍ୟମ କରିବା ଉଚିତ , ମହିଳାଙ୍କୁ ସମାନ ଅଧିକାର ଦେବା ଓ ମାନସିକ ସ୍ୱାସ୍ଥ୍ୟ ସେବା ଯୋଗାଇବା ସହିତ ।  କିନ୍ତୁ ୨୦୧୮ରେ ଭାରତର ସ୍ଥାନ ୧୧ ପାହାଚ ଖସି ୧୩୩ରେ, ଓ ୨୦୧୯ରେ ଆହୁରି ସାତ ପାହାଚ ଖସି ୧୪୦ରେ ପହଂଚିଛି । ତାହାହେଲେ କ'ଣ ଉପରୋକ୍ତ ପରାମର୍ଶଗୁଡିକୁ କାର୍ଯ୍ୟକାରୀ କରିବାରେ ଭାରତ ସରକାର ବିଫଳ ହୋଇଛନ୍ତି ? ବୋଧହୁଏ ହୋଇଛନ୍ତି । ତା ନହେଲେ ଆନ୍ତର୍ଜାତିକ ସଂଗଠନ Oxfam  ଦ୍ୱାରା ସଦ୍ୟ ପ୍ରକାଶିତ (ଜାନୁଆରୀ ୨୦୧୯) ରିପୋର୍ଟକୁ Davos ଠାରେ ଅନୁଷ୍ଠିତ World Economic Forumରେ ଉପସ୍ଥାପିତ କଲାବେଳେ Oxfam International Executive Director Winnie Byanyima  କୁହନ୍ତେ ନାହିଁ [୧୮], "ଏହା ନୀତି ଦୃଷ୍ଟିରୁ ଗର୍ହିତ ଯେ କେତେ ଜଣ ମାତ୍ର ଧନୀ ବ୍ୟକ୍ତି ଭାରତର ଧନ-ସମ୍ପତ୍ତିର ଅଧିକରୁ ଅଧିକ ଅଂଶକୁ ନିଜର କରିବାରେ ଲାଗିଛନ୍ତି ଯେତେବେଳେ କି ଗରିବ ସଂଘର୍ଷ କରୁଛି ତାର ପରବର୍ତ୍ତୀ ଆହାର ପାଇଁ ବା ପିଲାର ଔଷଧ ଖର୍ଚ୍ଚ ଜୁଟାଇବା ପାଇଁ । ..ଯଦି ଉପର ୧ ପ୍ରତିଶତ ଓ ଅବଶିଷ୍ଟ ଭାରତ ମଧ୍ୟରେ ଏହିଭଳି ଅଶ୍ଳୀଳ ବୈଷମ୍ୟ ଅବ୍ୟାହତ ରହେ ତାହାହେଲେ ଏହାର ପରିଣତିରେ ଭାରତର ସାମାଜିକ ଓ ଗଣତାନ୍ତ୍ରିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଭୁଷୁଡି ପଡିବ ।" ଏହି ରିପୋର୍ଟରୁ ଜଣାପଡିଲା[୧୮] ଯେ ୧). ଭାରତର ସର୍ବୋଚ୍ଚ ୯ଜଣ ଧନୀଙ୍କର ସମ୍ପତ୍ତି ଦେଶର ତଳେ ଥିବା ଜନସଂଖ୍ୟାର ୫୦ ପ୍ରତିଶତଙ୍କ ସମ୍ପତ୍ତି ସହ ସମାନ, ୨).୧୩.୬ କୋଟି ଲୋକ ଯାହା ଭାରତର ଜନସଂଖ୍ୟାର ପ୍ରାୟ ୧୦ ପ୍ରତିଶତ, ୨୦୦୪ରୁ ଋଣଗ୍ରସ୍ତ, ୩). ଭାରତ ଜନସଂଖ୍ୟାର ଉପର ୧୦ପ୍ରତିଶତଙ୍କ ମାଲିକାନାରେ ରହିଛି ସମୁଦାୟ ଜାତୀୟ ସମ୍ପତ୍ତିର ୭୭.୪ ପ୍ରତିଶତ , ୪) ଏହି ବୈଷମ୍ୟ ଆହୁରି ତୀବ୍ର ହୁଏ ଯେତେବେଳେ ଜନସଂଖ୍ୟାର ୧ ପ୍ରତିଶତଙ୍କର ମାଲିକାନାରେ ରହିଛି ସମୁଦାୟ ଜାତୀୟ ସମ୍ପତ୍ତିର ୫୧.୫୩ ପ୍ରତିଶତ, ୫)ଜନସଂଖ୍ୟାର ତଳେ ଥିବା ୬୦ ପ୍ରତିଶତ, ଅର୍ଥାତ୍ ଜନସଂଖ୍ୟାର ସଂଖ୍ୟାଗରିଷ୍ଠଙ୍କ ହାତରେ ରହିଛି ସମୁଦାୟ ଜାତୀୟ ସମ୍ପତ୍ତିର ମାତ୍ର ୪.୮ପ୍ରତିଶତ । ସେହିପରି ବେରୋଜଗାର ସ୍ଥିତି ଅତ୍ୟନ୍ତ ସଂଗୀନ ହୋଇଛି । ସରକାରଙ୍କ ତରଫରୁ ଚପାଇ ଦିଆ ଯାଇଥିବା ସର୍ଭେ ପ୍ରଘଟ ହୋଇ ଯାଇଥିବା ଥିବା NSSO ରିପୋର୍ଟ ଅନୁସାରେ ଗତ ୪୫ବର୍ଷରେ ସବୁଠାରୁ ଉଚ୍ଚସ୍ତରରେ ବେରୋଜଗାରୀର ହାର  ପହଂଚିଛି[୧୯] । ଉପରୋକ୍ତ ସୂଚନା ଗୁଡିକର ପୃଷ୍ଠଭୂମିରେ ଭାରତର ୨୦୧୭ରେ ଯାହା ସୁଖ ସୂଚାଙ୍କରେ ସ୍ଥିତି ଥିଲା ତାହା ୨୦୧୯ ବେଳକୁ ୧୮ ପାହାଚ ଖସିଯିବା ଅସ୍ୱାଭାବିକ ନୁହେଁ । ଏହି ଦୁଇଟି ପ୍ରସଙ୍ଗ, ଅର୍ଥନୈତିକ ବୈଷମ୍ୟ ଓ ବେରୋଜଗାରୀ, ସରକାରୀ ଦଳର ନିର୍ବାଚନୀ ପ୍ରଚାରରେ ଉଚ୍ଚାରିତ ନ ହେବା ଆଶଙ୍କିତ କରୁଛି ଆଗାମୀବର୍ଷରେ ଭାରତର ସ୍ଥାନ ସୁଖ ସୂଚାଙ୍କରେ ଆହୁରି ତଳକୁ ଖସିପାରେ ।

***ଉପସଂହାର***

ଅବଶ୍ୟ ବିଜେପି ନେତୃତ୍ୱରେ ସରକାରୀ ଦଳର ନିର୍ବାଚନୀ ପ୍ରଚାରରେ ରାଷ୍ଟ୍ରର ନିରାପତ୍ତା ଓ ସୁରକ୍ଷାର ପ୍ରସଙ୍ଗ ହିଁ ଖୁବ ନାଟକୀୟତାର ସହ ଉଚ୍ଚ ସ୍ୱରରେ ଉଚ୍ଚାରିତ ହେଉଛି, ରାଷ୍ଟ୍ରର ସୁରକ୍ଷା ଓ ନିରାପତ୍ତା  ବିପନ୍ନ ବୋଲି ବାରମ୍ବାର କୁହାଯାଉଛି ଯାହା ଭିତରେ ବୈଷମ୍ୟ, ବେରୋଜଗାରୀ ଭଳି ପ୍ରସଂଗ କେଉଁ ତଳେ ଦବି ଯାଉଛି ; ଦେଶ ସୁରକ୍ଷିତ ରହିଲେ ତ ଏ ସମସ୍ୟା ଗୁଡ଼ିକୁ ସମାଧାନ କରାଯିବ -ଏହିଭଳି

ଗୋଟିଏ ଧାରଣା ସୃଷ୍ଟି କରାଯାଉଛି । ପ୍ରଧାନମନ୍ତ୍ରୀ ମୋଦୀ ଅଯୋଧ୍ୟା ନିକଟରେ ଏକ ନିର୍ବାଚନୀ ସଭାରେ ଏଇ ନିକଟରେ (୦୧/୦୫/୨୦୧୯) କହିଛନ୍ତି ଯେ ଦେଶ ସୁରକ୍ଷିତ ରହିଲେ ସବୁ ସ୍ୱପ୍ନ ପୂରଣ ହୋଇଯିବ[୨୦]। ତେଣୁ ଅପେକ୍ଷା କରିବାକୁ ହେବ ବୈଷମ୍ୟ ଓ ବେରୋଜଗାରୀ ସମସ୍ୟାର ସମାଧାନ ପାଇଁ । କିନ୍ତୁ ୨୦୧୪ ନିର୍ବାଚନ ସମୟରେ ଦେଶର ସୁରକ୍ଷା ପ୍ରତି ବିପ ି ସମ୍ପର୍କରେ ଆଜି ପରି ଭାରତୀୟ ଭୋଟରଙ୍କୁ ସଚେତ କରାଯାଉ ନଥିଲା । ବରଂ 'ଅଚ୍ଛେଦିନ', 'କଳାଧନର ୱାପସୀ', 'କୋଟିଏ ଯୁବକଙ୍କୁ ପ୍ରତିବର୍ଷ ନିଯୁକ୍ତି' ବା 'ଦଶ ବର୍ଷରେ ୨୫ କୋଟି ଯୁବକଙ୍କୁ ନିଯୁକ୍ତି' ଇତ୍ୟାଦିକୁ ପ୍ରସଙ୍ଗ କରାଯାଇଥିଲା ଯାହା ସଫଳ ହୋଇଥିଲେ ବୈଷମ୍ୟ ଓ ବେରୋଜଗାର ସମସ୍ୟାର ସମାଧାନ ବେଶ କିଛି ପରିମାଣରେ ସମ୍ଭବ ହୋଇଥାନ୍ତା । ତେଣୁ ଏହି ପ୍ରସଙ୍ଗ ଗୁଡିକୁ ନିର୍ବାଚନୀ ପ୍ରଚାରରେ ସରକାରୀ ଦଳ ଉଲ୍ଲେଖ ନ କରି ରାଷ୍ଟ୍ରର ସୁରକ୍ଷା ଓ ନିରାପ ାକୁ ପ୍ରସଙ୍ଗ କରିବା ଦର୍ଶାଉଛି ଯେପରି ସରକାର ଉଭୟ ପ୍ରସଙ୍ଗରେ ବିଫଳ ହୋଇଛନ୍ତି; ବୈଷମ୍ୟ ଓ ବେରୋଜଗାରୀକୁ ହ୍ରାସ କରିବାରେ ବିଫଳ ହୋଇଛନ୍ତି ଓ ରାଷ୍ଟ୍ର ସୁରକ୍ଷା ଓ ନିରାପ ।  ତାଙ୍କ  ସମୟରେ ହିଁ ଅଧିକ ଦୁର୍ବଳ ହୋଇଛି । ସରକାର ନିଶ୍ଚିତ ଭାବରେ ଏହା ସ୍ୱୀକାର କରନ୍ତି ନାହିଁ । ଯଦି କରିଥାନ୍ତେ ତାହାହେଲେ ହୁଏତ ପୁଲୱାମାରେ ଆତଙ୍କବାଦୀ ଆକ୍ରମଣରେ (୧୪/୦୨/୨୦୧୯ ଦିନ) ୪୦ରୁ ଅଧିକ ସିଆରପିଏଫ ଜବାନଙ୍କ ମୃତ୍ୟୁ ପରେ ପରେ ଆମେ ସରକାରଙ୍କୁ କ୍ଷମାପ୍ରାର୍ଥନା କରୁଥିବାର ଶୁଣୁଥାନ୍ତେ । ଯେପରି ଶ୍ରୀଲଙ୍କାର ପ୍ରଧାନମନ୍ତ୍ରୀ ତାଙ୍କ ଦେଶରେ ଆତଙ୍କବାଦୀ ଆକ୍ରମଣ ପରେ ପରେ ସାର୍ବଜନୀନ କ୍ଷମାପ୍ରାର୍ଥନା କରିଲେ[୨୧], ଓ ତାଙ୍କ ଦେଶର ପ୍ରତିରକ୍ଷା ମନ୍ତ୍ରୀ  ଏହି ଦୁର୍ଘଟଣା ପାଇଁ ନୈତିକ ଦାୟିତ୍ୱ ବହନ କରି ନିଜ ପଦରୁ ଇସ୍ତଫା ଦେଲେ[୨୨] । ଅପରପକ୍ଷରେ ଶୁଣୁ ନଥାନ୍ତେ[୨୩] ଅଭିଯୋଗ ଯେ ସରକାରୀ ଦଳ ପୁଲୱାମାରେ ବଳି ପଡିଥିବା ଜବାନଙ୍କୁ ନିଜର ନିର୍ବାଚନୀ ଲାଭ ପାଇଁ ବ୍ୟବହାର କରୁଛି । ନିର୍ବାଚନୀ ବାଦ ପ୍ରତିବାଦ ଉପରେ ଭାରତରେ ବୈଷମ୍ୟ ଯେ ଏକ ବାସ୍ତବିକତା, ଏହା ସ୍ୱୀକାର କରିବାକୁ ହେବ । ଏହି ବୈଷମ୍ୟ ଯେଉଁ ସ୍ତରକୁ ଯାଉଛି ତାହାର ପରିଣତିରେ ଭାରତର ସମାଜିକ ଓ ଗଣତାନ୍ତ୍ରିକ ବ୍ୟବସ୍ଥା ଭୁଷୁଡିବ, ଏହି ସତର୍କ ବାଣୀ Oxfam ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା କହିଥିବା ଉପରେ ଉଲ୍ଲେଖ କରାଯାଇଛି । ତେଣୁ ଏହା ମଧ୍ୟ ଏକ ଆହ୍ୱାନ ଯେ ଭାରତରେ ଗଣତନ୍ତ୍ରକୁ ସୁରକ୍ଷିତ ରଖିବାକୁ ହେବ । ମୋଦୀଙ୍କର ଭାରତକୁ ସୁରକ୍ଷିତ ରଖିବାର ଆହ୍ୱାନରେ ଯଦି ବୈଷମ୍ୟ ସମସ୍ୟା ଉପରୁ ଦୃଷ୍ଟି ବିଚ୍ୟୁତ ହୁଏ ତାହାହେଲେ ଭାରତର ଭୌଗଳିକତା ସୁରକ୍ଷିତ ରହିପାରେ କିନ୍ତୁ ଏହି ଭୌଗଳିକ ସୀମା ଭିତରେ ଯେ ସାମାଜିକ ଓ ଗଣତାନ୍ତ୍ରିକ ବ୍ୟବସ୍ଥାଟି ଅସୁରକ୍ଷିତ ହୋଇଯିବ, ଏହାହିଁ ନିଷ୍କର୍ଷ । ଏହି ଆଶଙ୍କା ସ୍ମରଣ କରାଇଦିଏ ସମ୍ବିଧାନପ୍ରଣେତା କମିଟିର ଅଧ୍ୟକ୍ଷ ଡକ୍ଟର ବି ଆର ଆମ୍ବେଦକର ୨୫/୧୧/୧୯୪୯ ଦିନ ସମ୍ବିଧାନ ସଭାରେ ଦେଇଥିବା ଅଭିଭାଷଣର କେତୋଟି ଧାଡି । ସେ କହିଥିଲେ[୨୪], "ରାଜନୀତିରେ ସମାନତା ରହୁଥିବ କିନ୍ତୁ ସାମାଜିକ ଓ ଅର୍ଥନୈତିକ ଜୀବନରେ ଅସମାନତା ଥିବ । ରାଜନୀତିରେ ଗୋଟିଏ ବ୍ୟକ୍ତି ଗୋଟିଏ ଭୋଟ ଏବଂ ଗୋଟିଏ ଭୋଟ ଗୋଟିଏ ମୂଲ୍ୟ (value) । ଆମର ସାମାଜିକ ଓ ଅର୍ଥନୈତିକ ଜୀବନରେ  ଆମେ, ଆମର ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥା କାରଣରୁ., ଗୋଟିଏ ଭୋଟ ଗୋଟିଏ ମୂଲ୍ୟ (value) ନୀତିକୁ ଅଗ୍ରାହ୍ୟ କରି ଚାଲିଛୁ ।  କେତେ ଦିନ ଯାଏ ଆମେ ଏହି ଭଳି ଏକ ବିରୋଧାଭାସ (contradictions)ର ଜୀବନ ନିର୍ବାହ କରୁଥିବା ? କେତେଦିନ ଯାଏ ଆମ ସାମାଜିକ ଓ ଅର୍ଥନୈତିକ ଜୀବନରେ ସମାନତାକୁ ଅଗ୍ରାହ୍ୟ କରି ଚାଲିଥିବା ? ଯଦି ଆମେ ଏହିପରି ଅଗ୍ରାହ୍ୟ କରି ଚାଲୁ ତାହାହେଲେ ଆମେ ଏହା କରିବା ଆମର ରାଜନୈତିକ ଗଣତନ୍ତ୍ରକୁ ବିପନ୍ନ କରି । ଏହି ବିରୋଧାଭାସକୁ ଆମେ ଯଥାଶୀଘ୍ର ଦୂର କରିବା ଉଚିତ ତାନହେଲେ ଏହି ଅସମାନତା ଦ୍ୱାରା ପୀଡ଼ିତ ମାନେ ରାଜନୈତିକ ଗଣତନ୍ତ୍ରର ଢାଂଚାକୁ ଖସାଇ ପକାଇବେ ଯାହାକୁ ଏହି ସମ୍ବିଧାନ ସଭା ଏତେ ପରିଶ୍ରମ କରି ଗଢିଛି । " ଏହା ଏକ ବିଡ଼ମ୍ବନା ଯେ ସମ୍ବିଧାନ ଗୃହୀତ ହେବାର ୭୦ବର୍ଷ ପରେ, ଆମେ ଦେଖୁଛେ ବୈଷମ୍ୟ ହ୍ରାସ କରିବାର ପ୍ରତିଶୃତିବଦ୍ଧତା ସୂଚାଙ୍କ (Commitment to Reducing Inequality (CRI) Index)ରେ ୧୫୭ ରାଷ୍ଟ୍ର ମଧ୍ୟରେ, ଭାରତର ସ୍ଥାନ ବେଶ ତଳେ ରହିଛି  ୧୪୭ରେ[୨୫] । ସତେ ଯେପରି ଭାରତର ଶାସକ ସ୍ୱରରେ ବୈଷମ୍ୟ ହ୍ରାସ କରିବାର ପ୍ରତିଶୃତି କ୍ଷୀଣ ହୋଇ ଚାଲିଛି । ଏହା ବୋଧହୁଏ ଏକ ସଂଯୋଗ ମାତ୍ର ନୁହେଁ ଯେ ସୁଖ ସୂଚାଙ୍କ ତାଲିକାରେ ପ୍ରଥମ ଦଶଟି ରାଷ୍ଟ୍ର  (ଫିନଲ୍ୟାଣ୍ଡ, ନରୱେ, ଡେନମାର୍କ, ଆଇସଲ୍ୟାଣ୍ଡ, ସ୍ୱିଜରଲ୍ୟାଣ୍ଡ, ନେଦରଲ୍ୟାଣ୍ଡସ୍, କାନାଡା, ନ୍ୟୁଜିଲ୍ୟାଣ୍ଡ, ସ୍ୱିଡେନ, ଅଷ୍ଟ୍ରେଲିଆ) ମଧ୍ୟରୁ ୯ଟି ରାଷ୍ଟ୍ର (ନେଦରଲ୍ୟାଣ୍ଡ ବ୍ୟତୀତ) ଗଣତାନ୍ତ୍ରିକ ସୂଚାଙ୍କର ପ୍ରଥମ ଦଶଟି ରାଷ୍ଟ୍ର ମଧ୍ୟରେ ଅଛନ୍ତି[୨୬] । ଓ  ପାଂଚଟି ରାଷ୍ଟ୍ର (ଫିନଲ୍ୟାଣ୍ଡ, ନରୱେ , ଡେନମାର୍କ, ଆଇସଲ୍ୟାଣ୍ଡ, ସ୍ୱିଡେନ) ବୈଷମ୍ୟ ହ୍ରାସ କରିବାର ପ୍ରତିଶୃତିବଦ୍ଧତା ସୂଚାଙ୍କରେ ଅଛନ୍ତି[୨୫]। ଏହି ସୂଚାଙ୍କଗୁଡିକ ସମାଜରେ ବୈଷମ୍ୟହୀନତା, ରାଷ୍ଟ୍ରରେ ସମୃଦ୍ଧ ଗଣତନ୍ତ୍ର ଓ ନାଗରିକର ସୁଖୀ ଜୀବନ ମଧ୍ୟରେ ସମ୍ପର୍କ ପ୍ରତି ଇଂଗିତ କରେ । କହିବା ବାହୁଲ୍ୟ ଯେ ଯେଉଁ ଦିନ ଭାରତୀୟ ସମାଜରେ ବୈଷମ୍ୟ ନ ଥିବ, ଗଣତନ୍ତ୍ର ବିପନ୍ନ

ହେବାର କୌଣସି ଆଶଙ୍କା ନ ଥିବ ସେ ଦିନ 'ଅଚ୍ଛେ ଦିନ' ଆସିବ, ନାଗରିକର ଜୀବନ ସୁଖମୟ ହେବ । ବୈଷମ୍ୟ ଥିବ, ଗଣତନ୍ତ୍ର ବିପନ୍ନ ହେବାର ଆଶଙ୍କା ନାଗରିକଙ୍କୁ ବିଚଳିତ କରୁଥିବ ସେତେବେଳେ 'ଅଚ୍ଛେ ଦିନ'ର ସ୍ଲୋଗାନ କେବଳ ଉଚ୍ଚାରଣ ମାତ୍ରରେ ରହିବ, ସୁଖୀ ଜୀବନ କଦାପି ସମ୍ଭବ ହେବ ନାହିଁ ।

***ବ୍ୟବହୃତ ଉପାଦାନ ସୂଚୀ***


୧.Foundation for Acche Din is being laid: Amit Shah ,TNN | Jul 14, 2015 ,Times of India https://timesofindia.indiatimes.com/india/Foundation-for-Acche-Din-is-being-laid-Amit-Shah/art

୨.Acche din aane wale hai kyuki Modi-Shah jane wale Hai': Congress' slogan at 'Jan Aakrosh' rally... https://www.financialexpress.com/india-news/acche-din-aane-wale-hai-kyuki-modi-shah-jane-w...

୩.'PM Modi's slogan 'Acche Din Aane Wale Hain' was stolen from former PM Manmohan Singh's statement' By AKSHAY DESHMANE ET Bureau| , Mar 19, 2015

୪.World Happiness Report - Wikipedia https://en.wikipedia.org/wiki/World_Happiness_Report

୫.India - World Happiness Index 2019 | countryeconomy .com , https://countryeconomy.com/demography/world-happiness-index/india

୬.Pakistan - World Happiness Index 2019 | countryeconomy.com https://countryeconomy.com/demography/world-happiness-index/pakistan

୭.Bangladesh - World Happiness Index 2019 | countryeconomy.com https://countryeconomy.com/demography/world-happiness-index/banglades

୮.Sri Lanka - World Happiness Index 2019 | countryeconomy.com https://countryeconomy.com/demography/world-happiness-i

୯. Bhutan - World Happiness Index 2019 | countryeconomy.com https://countryeconomy.com/demography/world-happiness-index/bhutan

୧୦.Nepal - World Happiness Index 2019 | countryeconomy .com https://countryeconomy.com/demography/world-happiness-index/nepal

୧୧.Burma - Myanmar - World Happiness Index 2019 | countryeconomy.com https://countryeconomy.com/demography/world-happiness-index/burma

୧୨.FM: India now 6th largest economy in the world withhigh growth http://pib.nic.in/newsite/PrintRelease.aspx?relid=187924

୧୩.World Happiness Report 2012, Chapter-4

୧୪.World Happiness Report 2019, Chapter-2

୧୫.Panama Papers case: Former Pak PM Nawaz Sharif gets 10-year jail, his daughter sentenced to 7 years, PTI New Delhi Last Updated: July 6, 2018 ,https://www.businesstoday.in/current/world/panama-papers-pak-former-pm-nawaz-sharif-gets-10-years-jail-his-daughter-sentenced-to-7-years/story/279982.html

୧୬.Panama Papers: Notices sent to 400 people under Black Money Act , BY , ET BUREAU | UPDATED: NOV 15, 2018 , The Economic Times; https://economictimes.indiatimes.com/news/politics-and-nation/panama-papers-notices-sent-und...

୧୭.World Happiness Report: Analyzing India's Rank ,RGICS POLICY WATCH ,Volume : 5, Issue-38 Date : 24-04-2017

୧୮.Oxfam Report: Wealth Of 9 Richest Indians Equivalent To Bottom 50% Of Country https://www.ndtv.com/india-news/richest-9-indians-wealth-equivalent-to-bottom-50-of-the-coun.

୧୯.Unemployment Rate Highest In 45 Years, Reveals Stalled Report On Jobs: 10 Points https://www.ndtv.com/india-news/unemployment-rate-h ighest-in-45-years-reveals-stalled-report..

১০.At rally near Ayodhya, Narendra Modi talks about dangers of terrorism - The Hindu https://www.thehindu.com/elections/lok-sabha-2019/at-rally-near-ayodhya-narendra-modi-talks

১৫.We Apologise To Our Fellow Citizens, Says Sri Lanka PM Ranil Wickremesinghe On Easter Su... https://www.ndtv.com/world-news/we-apologise-to-our-fellow-citizens-says-sri-lanka-pm-ranil...

১১.Defence Minister resigns over Sri Lanka bombings,https://www. rte.ie/news/world/2019/0425/1045668-sri-lanka-defence-secretary/

১৭.#PollVault: EC Wakes Up as Modi Asks for Votes in the Names of Slain Soldiers , Raghu Karnad ,10/Apr/2019 ,https://thewire.in/politics/elections-2019-ec-narendra-modi-soldiers; Narendra Modi using Pulwama tragedy for political gain:Omar Abdullah, former chief minister of Jammu and Kashmi. https://gulfnews.com/world/asia/india/narendra-modi-using-pulwama-tragedy-for-political-gain.; PM Modi invokes Pulwama martyrs to seek votes, opposition moves EC , The Times of India , TNN | Apr 10, 2019,..ttps://timesof india.indiatimes.com/elections/news/pm-modi-invokes-pulwama-martyrs-to-seek-.;

১৮.Makers of Modern India, Ramchandra Guha, Penguin Books, 2012, p. 323

১৪.Current Affairs - India ranks 147th in Oxfam World Inequality Index 2018 https://www.fresherslive. com/current-affairs/articles/india-ranks-147th-in-oxfam-world-inequali.

১৯.Democracy Index 2019 : Key Facts | Current Affairs Today

https://currentaffairs.gktoday.in/democracy-index-2019-key-facts-01201964364.htm